# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**26 April – 2026**

---

## ପିଏମ୍‌-ମନ୍‌ କି ବାତ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍‌ କି ବାତ୍‌ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ 'ମନ୍‌ କି ବାତ୍‌'ର ୧୩୩ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍‌ ଓ Newsonair ମୋବାଇଲ୍‌ App ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍‌ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ମୁଖ୍ୟମନ୍ତ୍ରୀ-କାମଧେନୁ ଯୋଜନା

ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଆଗାମୀ ୫ ବର୍ଷରେ ୧୫ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏଥିପାଇଁ

୧ହଜାର ୪୨୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଗତକାଲି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଏବଂ ଓପୋଲୋଫେଡ୍‌ର ୫୦ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ ଏହା କହିଛନ୍ତି ।

**V/O**

ଏହି ଅବସରରେ ପ୍ରାଣୀ ସ୍ୱାସ୍ଥ୍ୟସେବା ପ୍ରଦାନ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟନେଇ ୭୬ଟି ପ୍ରାଣୀ ଚିକିତ୍ସାଳୟ ଏବଂ ୪ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟରେ ୨୧୯ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଏବଂ ରୋଗ ଚିହ୍ନଟ ମ୍ୟାପ୍ ନିର୍ମାଣ ପାଇଁ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

# ଦଲିଲ ନିବନ୍ଧନ ପ୍ରକ୍ରିୟା

ରାଜ୍ୟରେ ଦଲିଲ ନିବନ୍ଧନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧ ଏବଂ ଆଇନ୍‌ଗତ ନିୟମର କଡ଼ା ଅନୁପାଳନ ଉପରେ ସରକାର ଗୁରୁତ୍ୱପ୍ରଦାନ କରିଛନ୍ତି । ଯୁକ୍ତିସଂଗତ ନଥିବା କ୍ଷେତ୍ରରେ ଘରକୁଯାଇ ନିବନ୍ଧନ ପ୍ରକ୍ରିୟା କରାଯାଉଥିବା ପଦକ୍ଷେପ ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ପଷ୍ଟ କରିଛି । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଯୁକ୍ତିସଂଗତ କ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ଆଧାରରେ ଏଣିକି ଘରୋଇ ନିବନ୍ଧନ ପ୍ରକ୍ରିୟା କରାଯାଇ ପାରିବ ବୋଲି ଶ୍ରୀ ପାଢ଼ୀ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି ।

## ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର ଏସ୍ଆଇଆର୍ଡି ପରିସରରେ ଆମ୍ବଚାଷ ସମ୍ପର୍କିତ ଏକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ୧୫ଟି ପ୍ରମୁଖ ଆମ୍ବ ଉତ୍ପାଦନକାରୀ ଜିଲ୍ଲାରୁ ଚାଷୀ ଓ କୃଷି ଅଧିକାରୀ ଯୋଗ ଦେଇଥିଲେ। ଆମ୍ବ ଉତ୍ପାଦନକୁ ବୃଦ୍ଧି କରିବା, ଏହାର ସଂରକ୍ଷଣ ଏବଂ ରପ୍ତାନୀ ନେଇ ବୈଠକରେ ବ୍ୟାପକ ମତ ବିନିମୟ ହୋଇଛି ।

## କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ଓଡ଼ିଶାର ପ୍ରଥମ ମନ୍ତ୍ରିମଣ୍ଡଳର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି । ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ପାରଳାଖେମୁଣ୍ଡି ରାଜନଅରରେ ଶ୍ରୀ ନାରାୟଣଦେବ ଜନ୍ମଗ୍ରହଣ କରିଥିଲେ । ୧୯୩୬ ଏପ୍ରିଲ ପହିଲାରେ ଗଠିତ ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଜୟନ୍ତୀ ପାଳନ ଅବସରରେ ଆଜି କେତେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆଜି ସଂଧ୍ୟାରେ ଅନୁଷ୍ଠିତ ହେବ ।

## ସାମ୍ବାଦିକ ସମ୍ମିଳନୀ

ନରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ କରିବା, ସଶକ୍ତ ନାରୀ-ସଶକ୍ତ ଭାରତ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ବିଜେପି ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା କାର୍ଯ୍ୟାଳୟଠାରେ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଯୋଗଦେଇ ଏହି ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ବିଭିନ୍ନ ରାଜନୈତିକ ଦଳର ବିରୋଧକୁ ନିନ୍ଦା କରିଛନ୍ତି ।

## ବୌଦ୍ଧିକ ସମ୍ପତ୍ତି ଦିବସ

ବୌଦ୍ଧିକ ସମ୍ପତ୍ତି ଦିବସ ଆଜି ବିଶ୍ୱବ୍ୟାପୀ ପାଳନ କରାଯାଉଛି । ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନର ପ୍ରସ୍ତାବ କ୍ରମେ ୨୦୦୦ ମସିହା ଠାରୁ ପ୍ରତିବର୍ଷ ଏପ୍ରିଲ ମାସ ୨୬ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। କପି ରାଇଟ୍, ଟ୍ରେଡ୍‌ମାର୍କ, ଡିଜାଇନ୍, ପେଟେଣ୍ଟ୍ ଭଳି ବୌଦ୍ଧିକ ସମ୍ପତ୍ତି ଏବଂ ଏ ସମ୍ପର୍କିତ ଆଇନ୍ ଉପରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ।

# ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଗ୍ରେସେନ ଧର୍ମଶାଳା ପରିସରରେ ଏକ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜ ସଂସ୍କାର ଏକତା ପ୍ରତିଷ୍ଠା ଉପରେ ଗୁରୁତ୍ୱପ୍ରଦାନ କରାଯାଇଛି।

# ଜନଆକ୍ରୋଶ ମହିଳା ପଦଯାତ୍ରା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଜନଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲାଶାଖା ଏବଂ ମହିଳା ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏହି ପଦଯାତ୍ରା ରେଡକ୍ରସ କଲ୍ୟାଣମଣ୍ଡପରୁ ବାହାରି ଗାନ୍ଧୀଛକଠାରେ ପହଞ୍ଚିଥିଲା । ଏଥିରେ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ସମେତ ଜିଲ୍ଲାସ୍ତରୀୟ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ବଳବତ୍ତର ରହିଛି । ଗତକାଲି ରାଜ୍ୟର ୧୭ଟି ସହରର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ରେକର୍ଡ ହୋଇଥିଲା । ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୧ ଡିଗ୍ରୀ ସେଲସିୟସ ଝାରସୁଗୁଡାଠାରେ ରହିଥିଲା । ମଙ୍ଗଳବାର ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହିବା ନେଇ ଆକଳନ କରାଯାଇଛି । ଅନ୍ୟପକ୍ଷରେ

ଆଜିଠାରୁ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।